# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25 February – 2026

*********************************

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ କିଶୋରୀମାନଙ୍କ ପାଇଁ ଆସନ୍ତା ଶନିବାର ଜରାୟୁ କର୍କଟ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ଆସନ୍ତା ମାସ ସୁଦ୍ଧା ଭୁବନେଶ୍ୱର ବାଇପାସ୍ ରିଂରୋଡ କାର୍ଯ୍ୟ ଆରମ୍ଭ ହେବା ନେଇ ଜାତୀୟ ରାଜପଥ ପ୍ରାଧିକରଣର ସୂଚନା
- କେନ୍ଦ୍ରାପଡା ବଳଦେବଜୀଉଙ୍କ ନୂତନ ବ୍ରହ୍ମତାଳଧ୍ୱଜ ରଥ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କଲେ ରାଜ୍ୟ ସରକାର

ଏବଂ

- ରାଜ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ଜରାୟୁ କର୍କଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶନିବାର ଦିନ ଦେଶବ୍ୟାପୀ କିଶୋରୀମାନଙ୍କ ପାଇଁ ଜରାୟୁ କର୍କଟ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିରେ ୧୪ ବର୍ଷ ପର୍ଯ୍ୟନ୍ତ ବାଳିକାଙ୍କୁ ଗୋଟିଏ ଡୋଜ୍ ଏବଂ ୧୪ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ୩ଟି ଡୋଜ୍ ଟିକା ପ୍ରଦାନ କରାଯିବ। ପ୍ରଥମ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଟିକାକରଣ ହେବ। ଏହା ପରେ ୪୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ମହିଳାଙ୍କୁ ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ୨୦୨୬-୨୭ ଆର୍ଥିକବର୍ଷରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ଆରମ୍ଭ ହେବ। ଅଭିଯାନରେ ସମସ୍ତ ପ୍ରକାର କର୍କଟ ରୋଗ ପ୍ରତିହତ ପାଇଁ ପଦକ୍ଷେପ ନିଆଯିବ। ରାଜ୍ୟ ସରକାର ଅଭିଯାନ ନିମନ୍ତେ ୩୧୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

## ବାଇପାସ୍ ଟେଣ୍ଡର

ଭୁବନେଶ୍ୱର ବାଇପାସ୍ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ନେଇ ଜାତୀୟ ରାଜପଥ ପ୍ରାଧିକରଣ ଆଂଚଳିକ ମୁଖ୍ୟ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ୩ଟି ନିର୍ମାଣକାରୀ ସଂସ୍ଥାକୁ ଚୟନ କରାଯାଇଛି। ଖୋର୍ଦ୍ଧା-ରାମେଶ୍ୱର-ବିଲ୍ଲିପଦା ଏବଂ ଗୋବିନ୍ଦପୁର-କଟକ-ଟାଙ୍ଗୀକୁ ୬ ଲେନ୍ ବିଶିଷ୍ଟ ରିଂରୋଡ୍ ସଂଯୋଗ କରାଯିବ। ୧୧୦ କିଲୋମିଟର ବିଶିଷ୍ଟ ରିଂରୋଡ ର ପ୍ରତ୍ୟେକ

ପର୍ଯ୍ୟାୟ ପାଇଁ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ଧାନକ୍ରୟ

ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଧାନ କିଣା ଜାରି ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଟୋକେନ ସମୟସୀମା ସମାପ୍ତ ହୋଇଥିଲେ ମଧ୍ୟ ଆଉ ୧୫ ଦିନ ଅବଧି ବୃଦ୍ଧି କରାଯିବ। ଜିଲ୍ଲାପାଳ ମାନଙ୍କୁ ଅବଧି ବୃଦ୍ଧିର ଦାୟିତ୍ୱ ପ୍ରଦାନ କରାଯାଇଛି। ବିଳମ୍ବ କିମ୍ବା ସମସ୍ୟା ଯୋଗୁଁ କୌଣସି ଚାଷୀଙ୍କୁ ଧାନ ବିକ୍ରୟ ରୁ ବାଦ୍ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## - V/O –

## ଧାନ ସଂଗ୍ରହ

**ଗଞ୍ଜାମ** ଜିଲ୍ଲାରେ ଏପର୍ଯ୍ୟନ୍ତ ଚାଷୀଙ୍କଠାରୁ ୯୨ ପ୍ରତିଶତ ଧାନ ସଂଗ୍ରହ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ଜିଲ୍ଲାର ଏକ ଲକ୍ଷ ୩୬ ହଜାର ୫୦୨ ଜଣ ଚାଷୀଙ୍କ ବ୍ୟାଙ୍କଖାତାକୁ ପ୍ରାୟ ୧୧ ଶହ ୮୭ କୋଟି ୮୪ ଲକ୍ଷ ପଠାଯାଇଥିବା ସେ ସୂଚନା ଦେଇଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ସଂଖ୍ୟକ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଛି।

## ଭିବି-ଜିରାମଜି

ରାଜ୍ୟ ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ୍ ଗସ୍ତ କରି ଭିବି-ଜି.ରାମଜି. ଯୋଜନାର ରୂପରେଖ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ

ଏହାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। କୋଟପାଡ ଦଶରା ପଡିଆଠାରେ ଆୟୋଜିତ ସଚେତନତା ସଭାରେ ଶ୍ରୀ ନାୟକ କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

## ବାଲ୍ୟବିବାହ ମୁକ୍ତ ଭାରତ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ସଚେତନତା ପାଇଁ ୧୦୦ ଦିନିଆ ଅଭିଯାନ ରଥର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣିଆ ଉନ୍ନୟନ କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କ ମଧ୍ୟରେ ବାଲ୍ୟବିବାହ ଉଚ୍ଛେଦ ଉପରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଏହି ଅବସରରେ ପ୍ରତ୍ୟେକ ବ୍ଲକ୍, ପଞ୍ଚାୟତ ଏବଂ ବିଭିନ୍ନ ଗ୍ରାମଗୁଡ଼ିକରେ ସଚେତନତା ପ୍ରଚାରପତ୍ର ବଣ୍ଟନ କରାଯିବା ସହ ବ୍ୟାନର ଓ ପୋଷ୍ଟର ଲଗାଯାଇଛି।

## ବାଳକୃଷ୍ଣ ଗୋଏଲ

ଜାତୀୟ ମାନବାଧିକାର ଆୟୋଗର ସ୍ୱତନ୍ତ୍ର ଅଧିକାରୀ ବାଳକୃଷ୍ଣ ଗୋଏଲ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ଶ୍ରୀ ଗୋଏଲଭ ଭୁବନେଶ୍ୱର ଅନ୍ତର୍ଗତ ସିଆରପି ଅଞ୍ଚଳର ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସୁଷମ ବଣ୍ଟନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ହିତାଧିକାରୀମାନଙ୍କ ସହ ଆଲୋଚନା କରି ରାସନ ସାମଗ୍ରୀର ସମୟୋଚିତ

ବଣ୍ଟନ, ଏଫ୍‌ଏକ୍ୟୁ ମାନର ଚାଉଳ ଗୁଣବତ୍ତା ଚିହ୍ନଟ ଆଦି କାର୍ଯ୍ୟ ତଦାରଖ କରିଥିଲେ। ଅଧିକାରୀ ଶ୍ରୀ ଗୋଏଲ ଖଣ୍ଡଗିରିସ୍ଥିତ ସୁଭଦ୍ରା ମହତାବ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କର ସ୍ୱାସ୍ଥ୍ୟ, ପୋଷଣ, ଆବାସ ବ୍ୟବସ୍ଥା ଆଦି ଅନୁଧ୍ୟାନ କରିଥିଲେ।

## ରଥ ନିର୍ମାଣ

କେନ୍ଦ୍ରାପଡା ଜିଲ୍ଲାର ଆରାଧ୍ୟ ବଳଦେବଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରାଯାଇଛି। ଏ ସମ୍ପର୍କରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୂର୍ବରୁ ରଥର ୧୪ଟି ଚକର ଅବସ୍ଥା ଭଲ ନ ଥିବାରୁ ରଥ, ମାଉସୀମା ମନ୍ଦିର ନିକଟରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରୁ ନଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ବଳଦେବଜୀଉଙ୍କର ରଥ ନିର୍ମାଣ ପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କା ଅନୁଦାନ ରାଶି ମଞ୍ଜୁର କରିବା ସଂକ୍ରାନ୍ତ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

## ହୋର୍ଡିଂ-ମୃତ୍ୟୁ

ଭୁବନେଶ୍ୱରର ଆଇଗିଣିଆ ଅଂଚଳରେ ଗତକାଲି ବର୍ଷା ପବନରେ ହୋର୍ଡିଂ ଭୁଶୁଡିବା ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ଉଭୟ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି।

## ମାତୃ-ଶିଶୁ ସମୀକ୍ଷା

**ଯାଜପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କର ଗତ ଜାନୁୟାରୀ ମାସରେ ହୋଇଥିବା ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା କରିଛନ୍ତି। ଅଙ୍ଗନୱାଡ଼ି ଓ ଆଶା ଦିଦି ମାନେ ମାତୃ ଓ ଶିଶୁ ମୃତ୍ୟୁ ରୋକିବା ଦିଗରେ କରୁଥିବା କାର୍ଯ୍ୟର ତଦାରଖ କରିଛନ୍ତି। ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟ ସେବାରେ ଥିବା ବ୍ୟବଧାନକୁ ଶୀଘ୍ର ପୂରଣ କରିବା, ରକ୍ତଭଣ୍ଡାରରେ ରକ୍ତ ଗଚ୍ଛିତ ରଖିବା, ଆୟୁଷ୍ମାନ ଶିବିରରେ ରକ୍ତଦାନ କ୍ୟାମ୍ପ କରିବା, ଗ୍ରୀଷ୍ମଋତୁର ମୁକାବିଲା ନେଇ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିବା ଆଦି ପରାମର୍ଶ ଦେଇଥିଲେ।

## ବନାଗ୍ନି ପ୍ରତିରୋଧ

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବନବିଭାଗ ପକ୍ଷରୁ **ଗଞ୍ଜାମ** ଜିଲ୍ଲା ଅନ୍ତରପଡା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଭାଗୀୟ ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବନାଗ୍ନିର କ୍ଷତିକାରକ ପ୍ରଭାବ ଏବଂ ଏହାର ପ୍ରତିରୋଧ ନିମନ୍ତେ ଆବଶ୍ୟକ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ।

## ଅଗ୍ନି ସଚେତନତା

**ରାୟଗଡ଼ା** ଜିଲ୍ଲାରେ ଜଙ୍ଗଲ ନିଆଁ ରୋକିବାକୁ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଜଙ୍ଗଲରେ ନିଆଁ ଲିଭା କାର୍ଯ୍ୟରେ ପ୍ରାୟ ୧୦୦ ଜଣ ସ୍ୱତନ୍ତ୍ର ତାଲିମ୍‌ପ୍ରାପ୍ତ ସ୍କ୍ୱାଡ୍, ୮ଟି ଗାଡି, ୧୦୦ ରୁ ଊର୍ଦ୍ଧ୍ୱ

ବିଭିନ୍ନ ପ୍ରକାର ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରାଯିବା ସହିତ ୮ଟି କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଥିବା ସୂଚନା ଦିଆଯାଇଛି। ବୈଠକରେ ଡିଏଫ୍ଓ ଆନ୍ନସାହେବ ଓହଲ, ଏସିଏଫ୍ ଅଶୋକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଜଙ୍ଗଲ ନିଆଁ ରୋକିବା ଦିଗରେ ସଚେତନତାମୂଳକ ପଦକ୍ଷେପ ଗ୍ରହଣ ଉପରେ ମତ ପ୍ରକାଶ କରିଥିଲେ।

## ତାଲିମ୍ ଶିବିର

**ନୂଆପଡ଼ା** ଠାରେ ଜିଲ୍ଲା ପୁଲିସ୍ ପକ୍ଷରୁ ଇ-ସମନ ଆବେଦନ ପ୍ରକ୍ରିୟାକୁ ଲାଗୁ କରିବା ନେଇ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଅପରାଧ ରେକର୍ଡ ବ୍ୟୁରୋ ଏବଂ ଜାତୀୟ ସୂଚନାତ୍ମକ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ପୁଲିସ୍ ସେବାକୁ ଅତ୍ୟାଧୁନିକ, ଉନ୍ନତ ପ୍ରଣାଳୀ ବ୍ୟବହାର କରି ସୁରକ୍ଷାରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

## ନିଯୁକ୍ତିମେଳା

**କେନ୍ଦ୍ରାପଡ଼ା** ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦକ୍ଷତାବିକାଶ ପ୍ରାଧିକରଣ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି ନିଯୁକ୍ତିମେଳାକୁ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ୫୪ଟି ସଂସ୍ଥା ଯୋଗଦେଇଥିଲେ।

## ଯୁବ ସଂସଦ

**ନୂଆପଡା** ଜିଲ୍ଲା ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁବ କାର୍ଯ୍ୟ ବିଭାଗ ଏବଂ ଯୁବ କାର୍ଯ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୨୦୦ରୁ ଊର୍ଦ୍ଧ୍ୱ  ଛାତ୍ରଛାତ୍ରୀ ଯୋଗଦେଇ ଭାରତର ଆପାତକାଳୀନ ୫୦ ବର୍ଷ- ଭାରତ ଲୋକତନ୍ତ୍ର ପାଇଁ ଏକ ଶିକ୍ଷା ଉପରେ ଆଲୋଚନା କରିଥିଲେ।

## ସଂସଦ କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟର ପକ୍ଷରୁ ବରଗଡ଼ ପଂଚାୟତ କଲେଜଠାରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକଶିତ ଭାରତ ଦିଗରେ ଯୁବ ସ୍ୱର ପାଇଁ ଜାତୀୟ ଆଲୋଚନା  ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

## କୋଶଳ ଦିବସ

**ନୂଆପଡା**ଠାରେ କୋଶଳ ପାଳନ ଦିବସ ସଭା ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କୋଶଳୀ ଭାଷାକୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଚଳନ କରିବା ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ମତ ଉପସ୍ଥାପନ କରିଥିଲେ।

# ପାଣିପାଗ

ଓଡ଼ିଶାର ଉତ୍ତର ଉପକୂଳ ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

ହୋଇଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ପୁରୀ ସମେତ ୨୩ଟି ଜିଲ୍ଲାକୁ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ସର୍ବନିମ୍ନ  ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଉଛି ।